GOVERNMENT OF ODISHA
FOOD SUPPLIES & CONSUMER WELFARE DEPARTMENT
***

# PRESS BRIEF

**Sub: Food and Procurement Policy for Kharif Marketing Season 2020-21.**

Kharif Marketing Season (KMS) 2020-21 will commence from 1st October, 2020 and conclude on 30th September, 2021. State Government will procure paddy during Kharif and Rabi seasons separately within the KMS. Paddy will be procured from registered farmers by payment of Minimum Support Price (MSP). Paddy will be milled into rice by Custom Millers appointed for the purpose. The rice so obtained will be pumped into State's Public Distribution System (PDS) to meet needs under National Food Security Act, State Food Security Scheme & Other welfare Schemes and the surplus rice will be delivered to Central Pool through the Food Corporation of India (FCI). This surplus rice will be evacuated by FCI to outside States to meet their food grain needs under PDS.

Hon'ble Cabinet has approved the Food and Procurement Policy for KMS 2020-21 to regulate all aspects of paddy and rice procurement. The main features of the approved policy are as follow:

**Target**

- A tentative target of 48 lakh Metric Tonne (LMT) in terms of rice has been fixed. (In terms of paddy this comes to around 71 LMT. For Kharif, the tentative target for procurement of paddy would be 54 lakh MT & for Rabi 17 lakh MT). There is no bar for procurement of any higher quantum if more paddy comes to mandies from registered farmers.
- Hon'ble Minister, Food Supplies and Consumer Welfare has been authorized to revise this target if the need so arises.
- In KMS 2019-20 paddy to the tune of 70.56 LMT was procured (both Kharif and Rabi included). In terms of rice it comes to 47.78 LMT.

**Procurement Period**

- Paddy (Kharif Crop) will be procured in the State during the period from November, 2020 to March, 2021 and Paddy (Rabi Crop) from May to June, 2021. Districts will schedule their procurement periods within these broad timelines.

**Farmer Registration**

- Paddy will be procured from farmers who are registered in the online portal of FS & CW Department.

- Aadhaar shall be only ID proof for a registered farmer to sell paddy to Government. Sale of paddy shall be effected subject to Aadhaar based biometric identification.
- The procuring societies (PACS/ LAMPCS/ WSHGs/ Pani Panchayat) shall endeavour to bring more and more small and marginal farmers and actual tillers including sharecroppers into the procurement fold so that they receive the benefit of MSP.

**Emphasis on actual tillers including sharecroppers, small and marginal farmers**

- There would be no imposition on farmers to keep aside a certain portion of their produce for personal consumption by their families. A registered farmer can sell his entire surplus, as per approved yield rate, to Government. This will facilitate entry of more small and marginal farmers and actual tillers of soil including sharecroppers into the procurement fold.

**Minimum Support Price (MSP)**

- Paddy will be procured as per MSP declared by Govt. of India at following rates:

  Common variety: Rs.1868/- per quintal

  Grade- A variety: Rs.1888/- per quintal

**Quality of Paddy**

- Paddy to be procured must conform to FAQ specifications declared by Govt. of India.
- Similarly, rice to be delivered by custom millers must conform to FAQ norm.
- Purchase of FAQ paddy at prices below MSP shall be punishable under the Essential Commodities Act,1955.
- Wide publicity will be made for farmers to bring FAQ paddy to procurement centres.

**Role of OSCSC and other agencies**

- Odisha State Civil Supplies Corporation (OSCSC) will procure paddy in all districts.
- Other state agencies, if necessary, will be deployed in rice-surplus districts only.

**Role of PACS/ LAMPCS / WSHGs/ Pani Panchayats**

- OSCSC/ other State procuring agencies shall procure through PACS/ LAMPCS / WSHGs/ Pani Panchayats.
- More WSHGs shall be engaged in paddy procurement operations.

**Payment of Farmers' Dues**

- Payment of farmers' dues on account of paddy sold to Government shall be transferred directly to their bank accounts through online mode.
- All such payments shall be made within 24 to 48 hours of the sale of paddy.

**Participation of Millers**

- 100% delivery of CMR due of previous KMS by custom millers is a precondition for participation in procurement operations in KMS 2020-21. Rice millers that owe any dues to State agencies shall not be allowed to participate in the procurement process.

**Evacuation of Surplus Rice**

- Odisha requires 23 LMT of rice for its PDS. Surplus rice will be delivered to Central Pool through the Food Corporation of India.

**P-PAS**

- Paddy procurement process in 310 procuring blocks will be conducted through Paddy Procurement Automation System (P-PAS). There is no procurement in 4 Blocks in view of lack of marketable surplus. P-PAS based computerised procurement process will reduce human intervention and make the whole process simple, hassle-free and transparent.
- Procurement operations shall be conducted on a 'real time' online basis in procuring societies (PACS/ LAMPCS/ WSHGs/ Pani Panchayats) where stable internet connectivity is available.

**Distress Sale**

- District Administration/ State agencies shall take all necessary steps to prevent distress sale of paddy.

***

ଓଡିଶା ସରକାର

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

***

## ଗଣମାଧ୍ୟମ ନିମନ୍ତେ ସଂକ୍ଷିପ୍ତ ସୂଚନା

**ବିଷୟ: ଖରିଫ ବିପଣନ ବର୍ଷ, 2020-21 ପାଇଁ ଖାଦ୍ୟ ଓ ସଂଗ୍ରହଣ ନୀତି ।**

ଖରିଫ ବିପଣନ ବର୍ଷ (ବା ଧାନ ସଂଗ୍ରହ ବର୍ଷ), 2020-21 ଅକ୍ଟୋବର 1, 2020 ରୁ ଆରମ୍ଭ ହୋଇ ସେପ୍ଟେମ୍ବର 30, 2021 ରେ ସମାପ୍ତ ହେବ । ଏହି ବର୍ଷ ବ୍ୟାପୀ ଅବଧି ମଧ୍ୟରେ ରାଜ୍ୟ ସରକାର ଖରିଫ ଓ ରବି ଋତୁ ପାଇଁ ପୃଥକ ଭାବରେ ଧାନ ସଂଗ୍ରହ କରିବେ । ସର୍ବନିମ୍ନ ସହାୟକ ରାଶି ପ୍ରଦାନ କରି ପଞ୍ଜିକୃତ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯିବ ଏବଂ ନିଯୁକ୍ତିପ୍ରାପ୍ତ କଷ୍ଟମ ମିଲରମାନଙ୍କ ଦ୍ୱାରା ଏହି ଧାନକୁ ମିଲିଂ କରାଯାଇ ସମତୁଲ୍ୟ(equivalent) ଚାଉଳ ସଂଗ୍ରହ କରାଯିବ । ସଂଗୃହିତ ଚାଉଳକୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନାର ଆବଶ୍ୟକତା ପୂରଣ ପାଇଁ ବ୍ୟବହାର କରାଯିବ । ବଳକା ଚାଉଳକୁ ଭାରତୀୟ ଖାଦ୍ୟ ନିଗମ ମାଧ୍ୟମରେ କେନ୍ଦ୍ରୀୟ ଭଣ୍ଡାର (Central Pool)ରେ ପ୍ରଦାନ କରାଯିବ । ଖାଦ୍ୟ ନିଗମ ସଂଗୃହିତ ବଳକା ଚାଉଳକୁ ବାହାର ରାଜ୍ୟକୁ ସେମାନଙ୍କ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଦ୍ୟଶସ୍ୟର ଆବଶ୍ୟକତା ପୂରଣ ପାଇଁ ପ୍ରେରଣ କରିବେ ।

ଧାନ ଓ ଚାଉଳ ସଂଗ୍ରହ ପରିଚାଳନା ସମ୍ପର୍କିତ ସମସ୍ତ ପ୍ରକ୍ରିୟାକୁ ସୁପରିଚାଳନା କରିବା ପାଇଁ "ଖାଦ୍ୟ ଓ ସଂଗ୍ରହଣ ନୀତି, 2020-21" କୁ ମାନ୍ୟବର କ୍ୟାବିନେଟ୍ ମଞ୍ଜୁରି ପ୍ରଦାନ କରିଛନ୍ତି । ଅନୁମୋଦିତ ନୀତିର ମୁଖ୍ୟାଂଶ ଗୁଡିକ ନିମ୍ନରେ ପ୍ରଦାନ କରାଗଲା ।

**ଧାର୍ଯ୍ୟ ଲକ୍ଷ୍ୟ**

- ଖରିଫ ବିପଣନ ବର୍ଷ 2020-21 ପାଇଁ ଅନ୍ତତଃ 48 ଲକ୍ଷ ମେଟ୍ରିକ୍ ଟନର ଚାଉଳ ସଂଗ୍ରହ କରାଯିବ। (ଧାନ ହିସାବରେ ଏହା ପ୍ରାୟ 71 ଲକ୍ଷ ମେଟ୍ରିକ୍ ଟନ ହେବ । ଖରିଫ ଓ ରବିରେ ଧାନ ସଂଗ୍ରହର ଧାର୍ଯ୍ୟ ଲକ୍ଷ୍ୟ ଯଥାକ୍ରମେ 54 ଲକ୍ଷ ଓ 17 ଲକ୍ଷ ମେଟ୍ରିକ୍ ଟନ ରହିବ ।) ଏହା ଠାରୁ ଅଧିକ ଧାନ ଯଦି ପଞ୍ଜିକୃତ ଚାଷୀଙ୍କଠାରୁ ମଣ୍ଡିକୁ ଆସିବ, ତାହା ମଧ୍ୟ ରାଜ୍ୟ ସରକାର କ୍ରୟ କରିବେ ।
- ଆବଶ୍ୟକ ହେଲେ ମାନ୍ୟବର ମନ୍ତ୍ରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏହି ଧାର୍ଯ୍ୟ ଲକ୍ଷ୍ୟ ବୃଦ୍ଧି କରିପାରିବେ ।

- ଖରିଫ ବିପଣନ ବର୍ଷ 2019-20ରେ (ଉଭୟ ଖରିଫ ଓ ରବି ଋତୁ ମିଶି) 70.56 ଲକ୍ଷ ମେଟ୍ରିକ୍ ଟନର ଧାନ କ୍ରୟ କରାଯାଇଥିଲା । ଚାଉଳ ହିସାବରେ ଏହା 47.78 ଲକ୍ଷ ମେଟ୍ରିକ୍ ଟନ ।

**ଧାନ ସଂଗ୍ରହ ଅବଧି**

- ନଭେମ୍ବର, 2020 ରୁ ମାର୍ଚ୍ଚ, 2021 ମଧ୍ୟରେ ଖରିଫ ଧାନ ସଂଗ୍ରହ କରାଯିବ ।
- ରବି ଧାନ ମେ ' ରୁ ଜୁନ, 2021 ମଧ୍ୟରେ ସଂଗ୍ରହ କରାଯିବ ।
- ଏହି ବିସ୍ତାରିତ ସମୟସୀମା ମଧ୍ୟରେ ଜିଲ୍ଲାମାନେ ସେମାନଙ୍କର ଧାନ ସଂଗ୍ରହର ଅବଧି ନିର୍ଣ୍ଣୟ କରିବେ ।

**ଚାଷୀ ପଞ୍ଜୀକରଣ**

- କେବଳ ପଞ୍ଜିକୃତ ଚାଷୀମାନଙ୍କ ଠାରୁ ସେମାନଙ୍କର ବଳକା ଧାନ ସଂଗ୍ରହ କରାଯିବ ।
- ସରକାରଙ୍କୁ ଧାନ ବିକ୍ରି ପାଇଁ 'ଆଧାର' ହେବ ଏକ ମାତ୍ର ପରିଚୟ ପତ୍ର । ଧାନ ବିକ୍ରୟ ସମୟରେ 'ଆଧାର' ମାଧ୍ୟମରେ ପଞ୍ଜିକୃତ ଚାଷୀଙ୍କ ବାୟୋମେଟ୍ରିକ୍ ଚିହ୍ନଟୀକରଣ ପ୍ରକ୍ରିୟା ଅବଲମ୍ବନ କରାଯିବ ।
- କ୍ରୟକାରୀ ସମିତି(ପ୍ୟାକ୍ସ /ଲ୍ୟାମ୍ପ୍ସ/ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ/ପାଣି ପଞ୍ଚାୟତ)ମାନେ ଅଧିକରୁ ଅଧିକ ପ୍ରକୃତ ଚାଷୀ, ଭାଗଚାଷୀ ଏବଂ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ଧାନ ସଂଗ୍ରହ ବ୍ୟବସ୍ଥାରେ ସାମିଲ କରାଇବେ ।

**ପ୍ରକୃତ ଚାଷୀ, ଭାଗଚାଷୀ ଏବଂ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଉପରେ ଗୁରୁତ୍ୱ**

- ପରିବାରର ଖାଦ୍ୟ ଶସ୍ୟର ଆବଶ୍ୟକତା ପୂରଣ ପାଇଁ ଚାଷୀମାନେ ଉତ୍ପାଦିତ ଫସଲର କିଛି ଅଂଶ ରଖିବା ଉପରେ କୌଣସି ବାଧବାଧକତା ରହିବନାହିଁ । ଅର୍ଥାତ୍, ନିର୍ଦ୍ଧାରିତ ଅମଳ ହାରରେ ଚାଷୀ ତାର ସମସ୍ତ ଉତ୍ପାଦିତ ବଳକା ସରକାରଙ୍କୁ ବିକ୍ରି କରିବା ବ୍ୟବସ୍ଥା ଅବ୍ୟାହତ ରହିବ । ଫଳରେ, ଅଧିକ ସଂଖ୍ୟାରେ ପ୍ରକୃତ ଚାଷୀ, ଭାଗଚାଷୀ ଏବଂ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଧାନ ସଂଗ୍ରହ ବ୍ୟବସ୍ଥାରେ ପ୍ରବେଶ ପାଇଁ ପଥ ସୁଗମ ହେବ।

**ସହାୟକ ମୂଲ୍ୟ**

- ଭାରତ ସରକାରଙ୍କ ନିର୍ଦ୍ଧାରଣ ଅନୁସାରେ ସାଧାରଣ ଧାନ ଓ ଗ୍ରେଡ-A ଧାନ ପାଇଁ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଯଥାକ୍ରମେ ଟ.୧୮୬୮/- ଓ ଟ.୧୮୮୮/- ହାରରେ ଚାଷୀଙ୍କୁ ପ୍ରଦାନ କରାଯିବ ।

**ଧାନର FAQ ମାନ**

- ଧାନ FAQ ମାନର ହେବା ଆବଶ୍ୟକ ଯାହା କି ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ।
- ମିଲରମାନେ ନିର୍ଦ୍ଧାରିତ FAQ ମାନର ଚାଉଳ ଫେରସ୍ତ କରିବେ ।

- FAQ ମାନର ଧାନ ସର୍ବନିମ୍ନ ସହାୟକ ମୂଲ୍ୟ ଠାରୁ କମ ଦରରେ ବିକ୍ରି ହେଲେ ତା'ହା Essential Commodities Act, 1955 ଅନୁସାରେ ଦଣ୍ଡ ବିଧାନ ପାଇଁ ଯୋଗ୍ୟ ହେବ ।
- ଚାଷୀମାନେ ଯେପରି FAQ ମାନର ଧାନ ମଣ୍ଡିକୁ ଆଣିବେ, ସେଥିପାଇଁ ବ୍ୟାପକ ପ୍ରଚାର ପ୍ରସାର କରାଯିବ ।

**ସଂଗ୍ରହକାରୀ ସଂସ୍ଥା**

- ଓଡିଶା ଯୋଗାଣ ନିଗମ ସମସ୍ତ ଜିଲ୍ଲାରେ ଧାନ ସଂଗ୍ରହ କରିବ । ଯଦି ଆବଶ୍ୟକ ପଡେ, ଅନ୍ୟ ସଂଗ୍ରହକାରୀ ସଂସ୍ଥାମାନଙ୍କୁ 'ଚାଉଳ-ବଳକା' ଜିଲ୍ଲା (rice surplus district) ଗୁଡିକରେ ନିୟୋଜିତ କରାଯାଇପାରେ।

**ପ୍ୟାକ୍ସ/ ଲ୍ୟାମ୍ପ୍ସ / ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ/ ପାଣି ପଞ୍ଚାୟତର ଭୂମିକା**

- ଓଡିଶା ଯୋଗାଣ ନିଗମ ଓ ଅନ୍ୟ ସଂଗ୍ରହକାରୀ ସଂସ୍ଥାମାନେ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ/ ଲ୍ୟାମ୍ପ୍ସ)/ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ/ ପାଣି ପଞ୍ଚାୟତ ମାଧ୍ୟମରେ ଧାନ ସଂଗ୍ରହ କରିବେ ।
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଅଧିକ ସଂଖ୍ୟାରେ ଧାନ ସଂଗ୍ରହ କାର୍ଯ୍ୟରେ ନିୟୋଜିତ କରାଯିବ ।

**ଚାଷୀଙ୍କୁ ପ୍ରାପ୍ୟ ପ୍ରଦାନ**

- ଚାଷୀଙ୍କ ଧାନ ବିକ୍ରୀ ବାବଦ ପ୍ରାପ୍ୟ ତାଙ୍କ ବ୍ୟାଙ୍କ ଖାତାକୁ ଅନଲାଇନ୍ ପ୍ରକ୍ରିୟାରେ ସିଧା ସଳଖ ପ୍ରେରଣ କରାଯିବ ।
- ଏହି ପ୍ରାପ୍ୟ ପ୍ରଦାନ ସରକାରଙ୍କୁ ଧାନ ବିକ୍ରିର 24 ରୁ 48 ଘଣ୍ଟା ମଧ୍ୟରେ ସମାପନ କରାଯିବ।

**ମିଲରମାନଙ୍କ ଅଂଶଗ୍ରହଣ**

- ପୂର୍ବ ବର୍ଷର ସମସ୍ତ ଆଦାୟଯୋଗ୍ୟ ଚାଉଳ ଶତ ପ୍ରତିଶତ ଫେରସ୍ତ କରିଥିଲେ, ମିଲରମାନେ ଖରିଫ ବିପଣନ ବର୍ଷ 2020 - 21ରେ ଧାନ ସଂଗ୍ରହ ପ୍ରକ୍ରିୟାରେ ଭାଗ ନେଇପାରିବେ । କୌଣସି ଦେୟ ବକେୟା ଥିଲେ, ମିଲରମାନଙ୍କୁ ଧାନ ସଂଗ୍ରହ ବ୍ୟବସ୍ଥାରେ ଅଂଶ ଗ୍ରହଣ କରିବାକୁ ଦିଆଯିବ ନାହିଁ ।

**ବଳକା ଚାଉଳର ସ୍ଥାନାନ୍ତର**

- ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ବିତରଣ ପାଇଁ 23 ଲକ୍ଷ ମେଟ୍ରିକ୍ ଟନ ଚାଉଳ ଆବଶ୍ୟକ । ବଳକା ଚାଉଳ ଭାରତୀୟ ଖାଦ୍ୟ ନିଗମ ମାଧ୍ୟମରେ କେନ୍ଦ୍ରୀୟ ଭଣ୍ଡାର (Central Pool)କୁ ପ୍ରଦାନ କରାଯିବ ।

**ପି-ପାସ୍ ପ୍ରକ୍ରିୟା**

- ରାଜ୍ୟର 310 ଟି ଧାନ ସଂଗ୍ରହକାରୀ ବ୍ଲକରେ ସଂଗ୍ରହ ପ୍ରକ୍ରିୟା ପି-ପାସ୍ (P-PAS) ମାଧ୍ୟମରେ ପରିଚାଳିତ ହେବ । 4ଟି ବ୍ଲକରେ ବିକ୍ରି ଯୋଗ୍ୟ ବଳକା ଧାନ ନଥିବାରୁ ସଂଗ୍ରହ ପ୍ରକ୍ରିୟା ହେଉନାହିଁ । P-PAS ଆଧାରିତ କମ୍ପ୍ୟୁଟରୀକୃତ ପ୍ରକ୍ରିୟା ମନୁଷ୍ୟକୃତ ହସ୍ତକ୍ଷେପରୁ ମୁକ୍ତ କରି ଧାନ କ୍ରୟ ପ୍ରକ୍ରିୟାକୁ ସହଜ, ସରଳ ଓ ସ୍ୱଚ୍ଛ କରିବ ।
- ଯେଉଁ ପ୍ୟାକ୍ସ/ ଲ୍ୟାମ୍ପ୍ସ / ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ/ ପାଣି ପଞ୍ଚାୟତରେ ବ୍ୟବସ୍ଥିତ ଇଣ୍ଟରନେଟ ସୁବିଧା ଉପଲବ୍ଧ ହେଉଥିବ, ସେଠାରେ ଧାନ କ୍ରୟ କାର୍ଯ୍ୟ 'ରିୟଲ ଟାଇମ' (Real Time) ଭିତ୍ତିରେ ଅନଲାଇନରେ ସମ୍ପାଦନ କରାଯିବ ।

**ଅଭାବୀ ବିକ୍ରୀ**

- ଅଭାବୀ ଧାନ ବିକ୍ରୀକୁ ପ୍ରତିହତ କରିବା ପାଇଁ ଜିଲ୍ଲା ପ୍ରଶାସନ/ ସଂଗ୍ରହକାରୀ ସଂସ୍ଥା ଆବଶ୍ୟକୀୟ ସମସ୍ତ ପଦକ୍ଷେପ ଗ୍ରହଣ କରିବେ ।

***